بِسۡمِ اللّٰہِ الرَّحۡمٰنِ الرَّحِیۡمِ

୧୪ ଅଗଷ୍ଟ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

## କୃତଜ୍ଞତା ଜ୍ଞାପନ କରିବା ପରିପ୍ରେକ୍ଷୀରେ ଯୁଗାବତାର ହଜରତ ମସିହ ମଉଦ[ଅ.ସ]ଙ୍କର ବ୍ୟବହାରିକ ନମୁନା ଓ ହୁଜୁର[ଅ.ସ]ଙ୍କର ନୀତିଶିକ୍ଷା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗତ **ଖୁତ୍‌ବା**ରେ କୃତଜ୍ଞତା ଜ୍ଞାପନ କରିବା ପାଇଁ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କ ଶିକ୍ଷା ଓ ଉତ୍ତମ ଆଦର୍ଶ ବର୍ଣ୍ଣନା କରାଯାଇଥିଲା । କୃତଜ୍ଞତା ଜ୍ଞାପନର ଏହି ଉଚ୍ଚ ମାନଦଣ୍ଡକୁ ତାଙ୍କର ସଚ୍ଚୋଟ ଦାସ ଓ ଏହି ଯୁଗର **ଇମାମ୍** ହଜରତ ମସିହ ମଉଦ[ଅ.ସ] କିପରି ବୁଝିଥିଲେ ଏବଂ ନିଜ ଆଚରଣ ଦ୍ୱାରା ଘରେ ପିଲାମାନଙ୍କୁ କିପରି ବୁଝାଇ ଥିଲେ, ସେ ସମ୍ପର୍କରେ କିଛି ଉଦ୍ଧୃତ ଉପସ୍ଥାପନ କରିବି । ହଜରତ ମସିହ ମଉଦ[ଅ.ସ] ନିଜ ଉପରେ ହୋଇଥିବା (ଈଶ୍ୱରଙ୍କ) ଅନୁଗ୍ରହଗୁଡ଼ିକର କୃତଜ୍ଞତା ଜ୍ଞାପନ କରିବାର ମହତ୍ୱ ଓ ବ୍ରହ୍ମଜ୍ଞାନ ବର୍ଣ୍ଣନା କରି କୁହନ୍ତି; ଯେତେବେଳେ ମନୁଷ୍ୟ କୌଣସି ଉଚ୍ଚ ପଦବୀ କିମ୍ବା ସ୍ଥାନ ପ୍ରାପ୍ତ କରେ ସେତେବେଳେ ସେ ଅହଂକାରୀ ହୋଇଯାଏ । ଯଦିଓ ସେହି ସମୟ ମଧ୍ୟରେ ସେ ଅନେକ ଭଲ କାମ କରିପାରନ୍ତା ଏବଂ ମାନବ ସମାଜର କଲ୍ୟାଣ କରିପାରନ୍ତା ଯେପରିକି ପରାକ୍ରମୀ ଅଲ୍ଲାଃତାଲା କୁହନ୍ତି; **ଲଇନ୍ ଶକର୍‌ତୁମ୍ ଲଅଜିଦନ୍‌ନକୁମ୍** ଅର୍ଥାତ୍ ଯଦି ତୁମେ ମୋର କୃତଜ୍ଞତା ଜ୍ଞାପନ କରିବ ତେବେ ମୁଁ ମୋର ଅନୁଗ୍ରହକୁ ଆହୁରି ବୃଦ୍ଧି କରିବି । ଯଦି ତୁମେ ଅକୃତଜ୍ଞ ହେବ (ଅସ୍ୱୀକାର କରିବ) ତେବେ ମୋର ଶାସ୍ତି ଅତ୍ୟନ୍ତ କଠୋର ।

ଅର୍ଥାତ୍ ଯେତେବେଳେ ମଣିଷ ଉପରେ ଈଶ୍ୱରଙ୍କର ଅନୁଗ୍ରହ ହୁଏ ସେତେବେଳେ ସେ ତାଙ୍କର କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ମାନବଜାତିର କଲ୍ୟାଣ ବିଷୟରେ ଚିନ୍ତା କରିବା ଉଚିତ୍ । ଯଦି କେହି ଏହା ନକରି ଓଲଟି ଅତ୍ୟାଚାର କରିବା ଆରମ୍ଭ କରେ ତେବେ ଈଶ୍ୱର ତାହା ଠାରୁ ସେହି ସମସ୍ତ ଅନୁଗ୍ରହ ଛଡ଼ାଇ ନିଅନ୍ତି ଓ ଶାସ୍ତି ଅବତୀର୍ଣ୍ଣ କରନ୍ତୁ । ପୁନଶ୍ଚ ହୁଜୁର[ଅ.ସ] କହିଛନ୍ତି; ସବୁଠାରୁ ପ୍ରଥମେ ଈଶ୍ୱରଙ୍କର କୃତଜ୍ଞତା ଜ୍ଞାପନ କର, ଯିଏ ଆମକୁ ଜୀବନ ସ୍ୱାସ୍ଥ୍ୟ, ନିରୋଗତା, ଶାନ୍ତି ଓ ଧର୍ମର ପ୍ରଚାର ପ୍ରସାର ପାଇଁ ସାଧନ ଯୋଗାଇ ଦେଇଛନ୍ତି । ବାସ୍ତବରେ ସତ୍ୟ ଏହିକି ଯେ ଯଦି ଆମେ ଈଶ୍ୱରଙ୍କ ଅନୁଗ୍ରହଗୁଡ଼ିକର କୃତଜ୍ଞତା ଜ୍ଞାପନ କରିବାକୁ ଚାହିଁବା ତେବେ ସେହି ଈଶ୍ୱରଙ୍କ ଦୟା ଓ ଅନୁଗ୍ରହଗୁଡ଼ିକୁ ଗଣନା କରିବା ସମ୍ଭବ ନୁହେଁ ।

ଏକଦା ହଜରତ ମସିହ ମଉଦ[ଅ.ସ] କହିଲେ; ମୁସଲମାନମାନେ ଈଶ୍ୱରଙ୍କର ଅତ୍ୟଧିକ କୃତଜ୍ଞତା ଜ୍ଞାପନ କରିବା ଉଚିତ୍ । ଯିଏ ସେମାନଙ୍କୁ ଏପରି ଏକ ଧର୍ମ ପ୍ରଦାନ କରିଛନ୍ତି, ଯାହା ଜ୍ଞାନାତ୍ମକ ଓ ବ୍ୟବହାରିକ ଭାବରେ ସମସ୍ତ ପ୍ରକାରର ଅଶାନ୍ତି, ନିନ୍ଦନୀୟ କାର୍ଯ୍ୟ ଓ ପ୍ରତ୍ୟେକ ପ୍ରକାରର ତ୍ରୁଟିରୁ ମୁକ୍ତ । ଯଦି ମଣିଷ ଗଭୀର ଭାବରେ ଚିନ୍ତା କରେ, ତେବେ ସେ ଜାଣିପାରିବ ଯେ ପ୍ରକୃତରେ ସମସ୍ତ ପ୍ରଶଂସା ଓ ମହିମାର ହକ୍‌ଦାର କେବଳ ଈଶ୍ୱର । ଅନ୍ୟ କୌଣସି ମଣିଷ କିମ୍ବା ସୃଷ୍ଟି ପ୍ରକୃତ ଅର୍ଥରେ ପ୍ରଶଂସାର ଯୋଗ୍ୟ ନୁହେଁ । ଯଦି ମଣିଷ କୌଣସି ସ୍ୱାର୍ଥ ନରଖି ଦେଖେ ତେବେ ତାହା ଉପରେ ସ୍ପଷ୍ଟ ଭାବରେ ପ୍ରକାଶ ପାଇବ ଯେ ଯେଉଁ ବ୍ୟକ୍ତି ପ୍ରଶଂସାର ଯୋଗ୍ୟ ବୋଲି ବିବେଚିତ ହୁଏ, ସେ ବୋଧ ହୁଏ ଏହି କାରଣରୁ ଯୋଗ୍ୟ ହୋଇପାରେ ଯେ ଯେତେବେଳେ କୌଣସି ଅସ୍ତିତ୍ୱ ନଥିଲା କିମ୍ବା କୌଣସି ଅସ୍ତିତ୍ୱର ଖବର ନଥିଲା ସେତେବେଳେ ସେ ତାହାର ସ୍ରଷ୍ଟା ଥିଲେ । କିମ୍ବା ଏହି କାରଣରୁ ଯେ ଯେତେବେଳେ କୌଣସି ଅସ୍ତିତ୍ୱ ନଥିଲା ଓ ଜଣା ନଥିଲା ଯେ ଅସ୍ତିତ୍ୱ, ଅସ୍ତିତ୍ୱର ସୁରକ୍ଷା, ସ୍ୱାସ୍ଥ୍ୟ ରକ୍ଷା ଓ ଜୀବନର ସ୍ଥାୟିତ୍ୱ ପାଇଁ କେଉଁ କେଉଁ ସାଧନ ଆବଶ୍ୟକ । ସେ

ସେହି ସମସ୍ତ ସାମଗ୍ରୀ ଯୋଗାଇ ଦେଇଥିଲେ କିମ୍ବା ଏପରି ଏକ ସମୟରେ ଯେତେବେଳେ ତାହା ଉପରେ ଅନେକ ବିପଦ ଆସିପାରୁ ଥିଲା, ସେ ଦୟା କରିଥିଲେ । ତାହାକୁ ସୁରକ୍ଷିତ ରଖିଥିଲେ । ଅଥବା ଏହି କାରଣରୁ ପ୍ରଶଂସା ଯୋଗ୍ୟ ହୋଇପାରେ ଯେ ସେ ପରିଶ୍ରମୀର ପରିଶ୍ରମକୁ ବ୍ୟର୍ଥ ହେବାକୁ ଦିଅନ୍ତି ନାହିଁ । ପରିଶ୍ରମୀଙ୍କ ଅଧିକାର ସମ୍ପୂର୍ଣ୍ଣ ଭାବରେ ପୂରଣ କରେ । ଯଦିଓ ପ୍ରକାଶ୍ୟ ପାରିଶ୍ରମିକ ଦେବା ଏକ ବିନିମୟ, ତଥାପି ସେହି ବ୍ୟକ୍ତି ମଧ୍ୟ ଉପକାରୀ ହୋଇପାରେ ଯିଏ ସମ୍ପୂର୍ଣ୍ଣ ଭାବରେ ଅଧିକାରୀ ହୋଇପାରେ, ଯିଏ ସମ୍ପୂର୍ଣ୍ଣ ଭାବରେ ଅଧିକାର ପରିଶୋଧ କରେ । ଏଗୁଡ଼ିକ ଉଚ୍ଚକୋଟୀର ଗୁଣ ଯାହା କାହାକୁ ପ୍ରଶଂସାର ଯୋଗ୍ୟ କରିପାରେ । ବର୍ତ୍ତମାନ ଚିନ୍ତା କରି ଦେଖନ୍ତୁ, **ପ୍ରକୃତରେ ଏହି ସମସ୍ତ ପ୍ରଶଂସାର ଯୋଗ୍ୟ କେବଳ ସେହି ପରମ ଦୟାମୟ ଈଶ୍ୱର** । ଯିଏ ପୂର୍ଣ୍ଣ ଭାବରେ ଏହି ଗୁଣଗୁଡ଼ିକରେ ବିଭୂଷିତ ଓ ଅନ୍ୟ କାହାଠାରେ ଏହି ଗୁଣଗୁଡ଼ିକ ନାହିଁ । ପୁଣି ଇସଲାମର ନବିକରଣ ଓ ଅହମଦି ଜମାଅତର ସ୍ଥାପନା ଉପରେ ଈଶ୍ୱରଙ୍କ କୃତଜ୍ଞତା ଜ୍ଞାପନ କରିବା ପ୍ରତି ଧ୍ୟାନ ଆକର୍ଷଣ କରି ହଜରତ ମସିହ ମଉଦ[ଅ.ସ] କହିଛନ୍ତି–

ହେ ବୁଦ୍ଧିମାନଗଣ ! ତୁମେ ଏଥିରେ ଆଶ୍ଚର୍ଯ୍ୟ ହୁଅ ନାହିଁ, ଯେ ଈଶ୍ୱର ଏହି ଆବଶ୍ୟକତା ସମୟରେ ଓ ଏହି ଗଭୀର ଅନ୍ଧକାରର ଦିନଗୁଡ଼ିକରେ ଏକ ଆକଶୀୟ ଆଲୋକ ଅବତୀର୍ଣ୍ଣ କଲେ ଓ ଜନକଲ୍ୟାଣ ପାଇଁ ଜଣେ ଦାସଙ୍କୁ ବିଶେଷ ଭାବରେ ମନୋନୀତ କରି ଇସଲାମର ମହିମା ପ୍ରଚାର, ହଜରତ ମୁହମ୍ମଦ[ସ.ଅ]ଙ୍କ ଆଲୋକର ପ୍ରସାର, ମୁସଲମାନମାନଙ୍କ ସାହାଯ୍ୟ ତଥା ସେମାନଙ୍କର ଆଭ୍ୟନ୍ତରୀଣ ଅବସ୍ଥାକୁ ସ୍ୱଚ୍ଛ ଓ ପବିତ୍ର କରିବା ଉଦ୍ଦେଶ୍ୟରେ ପୃଥିବୀକୁ ପଠାଇଲେ । ଆଚମ୍ବିତ ତ ଏହି କଥାରେ ହୁଅନ୍ତା ଯେ ଯେଉଁ ଈଶ୍ୱର ଇସଲାମ ଧର୍ମର ରକ୍ଷକ, ଯିଏ ପ୍ରତିଶୃତି ଦେଇଥିଲେ ଯେ ମୁଁ ସଦାସର୍ବଦା ପବିତ୍ର କୁରଆନର ଶିକ୍ଷାର ସୁରକ୍ଷା କରିବି । ଏହାକୁ ନିସ୍ତେଜ, ଶୋଭାହୀନ ଓ ଆଲୋକହୀନ ହେବାକୁ ଦେବି ନାହିଁ । ସେ ଏହି ଅନ୍ଧକାରକୁ ଦେଖି ଓ ଏହି ଆଭ୍ୟନ୍ତରୀଣ ତଥା ବାହ୍ୟ ଅଶାନ୍ତିକୁ ଦୃଷ୍ଟିରେ ରଖି ନୀରବ ରହନ୍ତେ । ନିଜର ସେହି ପ୍ରତିଶୃତିକୁ ମନେ ପକାନ୍ତେ ନାହିଁ, ଯାହାକୁ ସେ ନିଜ ପବିତ୍ର ବାଣୀରେ ଦୃଢ଼ ଭାବରେ ବ୍ୟକ୍ତ କରିସାରିଛନ୍ତି ! ପୁଣି ମୁଁ କହୁଛି ଯେ ଯଦି ଆଶ୍ଚର୍ଯ୍ୟ ହେବାର କୌଣସି ସ୍ଥାନ ଥିଲା । ତେବେ ତାହା ଏହା ଥିଲା ଯେ ସେହି ପବିତ୍ର ଅବତାର[ସ.ଅ]ଙ୍କର ଏହି ସ୍ପଷ୍ଟ ଓ ପ୍ରତ୍ୟକ୍ଷ ଭବିଷ୍ୟତ ବାଣୀ ଭୁଲ ହୋଇଯାଆନ୍ତା । ଯେଉଁଥିରେ କୁହାଯାଇଥିଲା ଯେ ପ୍ରତ୍ୟେକ ଶତାବ୍ଦୀର ଆରମ୍ଭରେ ଈଶ୍ୱର ଏପରି ଜଣେ ଭକ୍ତଙ୍କୁ ସୃଷ୍ଟି କରୁଥିବେ ଯିଏ ତାଙ୍କ ଧର୍ମକୁ ପରିମାର୍ଜିତ କରିବ... ତେଣୁ ଏହା ଆଶ୍ଚର୍ଯ୍ୟର ବିଷୟ ନୁହେଁ । ବରଂ ହଜାର ହଜାର ଧନ୍ୟବାଦର ବିଷୟ ଓ **ଈମାନ୍** (ବିଶ୍ୱାସ) ତଥା **ୟକିନ୍** (ଦୃଢ଼ତା) ବୃଦ୍ଧି କରିବାର ସମୟ ଯେ ଈଶ୍ୱର ନିଜ ଅନୁଗ୍ରହ ଓ ଦୟାରେ ନିଜ ପ୍ରତିଶୃତିକୁ ପୂରଣ କଲେ । ନିଜ ରସୁଲଙ୍କ ଭବିଷ୍ୟତ ବାଣୀରେ ଗୋଟିଏ ମିନିଟର ବି ଫରକ ପଡିବାକୁ ଦେଲେ ନାହିଁ । କେବଳ ଭବିଷ୍ୟତ ବାଣୀକୁ ପୂରଣ କଲେ ନାହିଁ, ବରଂ ଭବିଷ୍ୟତ ପାଇଁ ମଧ୍ୟ ହଜାର ହଜାର ଭବିଷ୍ୟତ ବାଣୀ ଓ ଅଲୌକିକ ଘଟଣାର ଦ୍ୱାର ଖୋଲିଦେଲେ । ଯଦି ତୁମେ ବିଶ୍ୱାସୀ ତେବେ କୃତଜ୍ଞତା ଜ୍ଞାପନ କର ଓ କୃତଜ୍ଞତାର **ସଜ୍‌ଦା** କର, ଯେ ଯେଉଁ ସମୟକୁ ଅପେକ୍ଷା କରି କରି ଆମର ପୂର୍ବପୁରୁଷ ଓ ଅସଂଖ୍ୟ ଆତ୍ମା ସେହି ଆକାଂକ୍ଷାରେ ସଂସାରରୁ ବିଦାୟ ନେଲେ, ତାହା ତୁମେ ପାଇଛ । ବର୍ତ୍ତମାନ ଏହାର ଆଦର କରିବା କିମ୍ବା ନକରିବା କିମ୍ବା ସେଥିରୁ ଉପକୃତ ହେବା କିମ୍ବା ନହେବା, ତୁମ ହାତରେ ଅଛି ।

ହୁଜୁର[ଅ.ସ] କୁହନ୍ତି; ଆଜିର ମୁସଲମାନମାନଙ୍କର କର୍ତ୍ତବ୍ୟ ଯେ ଈଶ୍ୱରଙ୍କ ପ୍ରତି କୃତଜ୍ଞ ହୋଇ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ବ୍ୟକ୍ତିଙ୍କୁ ଗ୍ରହଣ କରନ୍ତୁ । ନିଜକୁ ଏକତାର ସୂତ୍ରରେ ବାନ୍ଧି ନିଅନ୍ତୁ, ଯାହା ଫଳରେ ସମସ୍ୟାରୁ ରକ୍ଷା ପାଇପାରିବେ । ଥରେ ହଜରତ ମସିହ ମଉଦ[ଅ.ସ] ଜଣେ ସତ୍ୟାର ସନ୍ଧାନକାରୀଙ୍କୁ ସମ୍ବୋଧନ କରି କହିଲେ; ଈଶ୍ୱରଙ୍କର କୃତଜ୍ଞତା ଜ୍ଞାପନ କର ଯେ ସେ ଠିକ୍ ସମୟରେ ସାହାଯ୍ୟ କଲେ ଓ ଏହି ଜମାଅତକୁ ସ୍ଥାପନ କଲେ । ଏଣୁ ତୁମ ପାଇଁ ଉଚିତ୍ ଯେ ତୁମକୁ ଦିଆଯାଇଥିବା ଏହି ଅନୁଗ୍ରହକୁ ନଷ୍ଟ ନକର, ଏହାକୁ ଆଦର ଓ ମର୍ଯ୍ୟାଦା ଦୃଷ୍ଟିରେ ଦେଖ ତଥା ତୁମକୁ ଦିଆଯାଇଥିବା ସାହାଯ୍ୟ ଏବଂ ସହାୟତାର କୃତଜ୍ଞତା ଜ୍ଞାପନ କର.. ଏହା ଈଶ୍ୱରଙ୍କର ଅନୁଗ୍ରହ ଯେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ ବ୍ୟକ୍ତିଙ୍କୁ ଲୋକମାନେ ଚିହ୍ନି ପାରନ୍ତି । ସୁତରାଂ ତୁମ ଉପରେ ଏହା ଈଶ୍ୱରଙ୍କର ଅତ୍ୟନ୍ତ ମହୋପକାର ଯେ ସେ ତୁମକୁ ଏହି ଶକ୍ତି ପ୍ରଦାନ କରିଛନ୍ତି ଓ ଚିହ୍ନିବାର ଚକ୍ଷୁ ପ୍ରଦାନ କରିଛନ୍ତି । ପୁଣି ହୁଜୁର[ଅ.ସ] ମିଆଁ ଅବ୍ଦୁଲ୍ ହକ୍ ସାହେବଙ୍କ ଉଦାହରଣ ଦେଲେ ଯେ କିପରି ଈଶ୍ୱର ତାଙ୍କର ସାହାଯ୍ୟ କଲେ ଓ ତାଙ୍କୁ ବିଳାସପୂର୍ଣ୍ଣ ସ୍ଥାନରୁ ବାହାର କରି ସତ୍ୟକୁ ଗ୍ରହଣ କରିବାର ଶକ୍ତି ପ୍ରଦାନ କଲେ । ହଜରତ ମିଆଁ ଅବ୍ଦୁଲ୍ ହକ୍ ସାହେବ କସୂରର ବାସୀନ୍ଦା ଥିଲେ । ସେ ଜଣେ ଛାତ୍ର ଥିଲେ ଓ ଖ୍ରୀଷ୍ଟିଆନ

ହୋଇଯାଇଥିଲେ । ପୁଣି ହୁଜୁର[ଅ.ସ]ଙ୍କର କେତେକ ଲେଖା ପଢ଼ିବା ପରେ ଆପଣଙ୍କ ନିକଟକୁ ଚିଠି ଲେଖିଲେ, ଯେ ସେ ଇସଲାମ୍‌ର ସତ୍ୟତାକୁ ବ୍ୟାବହାରିକ ରୂପରେ ଦେଖିବାକୁ ଚାହିଁଛନ୍ତି । ହୁଜୁର[ଅ.ସ] କହିଛନ୍ତି; ଅତି କମ୍‌ରେ ଦୁଇ ମାସ ପାଇଁ କାଦିୟାନ ଆସି ରୁହନ୍ତୁ । ଫଳରେ ସେ ଆସିବାକୁ ମନସ୍ଥ କଲେ, ତାଙ୍କୁ ଅନେକ ଲୋକ ବାରଣ କଲେ ଓ ଉପଦେଶ ଦେଲେ, ଯେ କାଦିୟାନ ଯାଅ ନାହିଁ । ପୁଣି ଜଣେ ଗାଳି ମଧ୍ୟ ଦେଲା, କିନ୍ତୁ ଏହି ସବୁ କଥା ଉପରେ ଈଶ୍ୱରଙ୍କ ଅନୁଗ୍ରହ ବିଜୟ ହେଲା ଏବଂ ତାଙ୍କୁ ଏଠାକୁ ଟାଣି ଆଣିଲା ।

ଅହମଦିୟା ଜମାଅତରେ ସାମିଲ ହେଉଥିବା ଲୋକଙ୍କ ଆନ୍ତରିକତା ଓ ଭଲପାଇବା ବିଷୟରେ ଉଲ୍ଲେଖ କରି ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ମୁଁ ଏହି କଥାର ପ୍ରକାଶ ଓ ଏହାର କୃତଜ୍ଞତା ପ୍ରକାଶ ନକରି ରହିପାରୁ ନାହିଁ, ଯେ ଈଶ୍ୱରଙ୍କ ଦୟା ଓ ଅନୁଗ୍ରହ ମୋତେ ଏକାକୀ ଛାଡ଼ି ନାହିଁ । ମୋ ସହିତ ଭାତୃଭାବର ସମ୍ପର୍କ ସ୍ଥାପନ କରୁଥିବା ଓ ଏହି ଜମାଅତରେ ପ୍ରବେଶ କରୁଥିବା ଲୋକମାନେ, ଯାହାକୁ ଈଶ୍ୱର ନିଜ ହାତରେ ସ୍ଥାପନ କରିଛନ୍ତି । ଭଲପାଇବା ଓ ନିଷ୍ଠାପୂର୍ଣ୍ଣ ଆନ୍ତରିକତାର ରଙ୍ଗରେ ଏକ ବିଚିତ୍ର ଶୈଳୀରେ ରଙ୍ଗିନ୍ ଅଛନ୍ତି । ତାହା ମୋର ପରିଶ୍ରମ ଦ୍ୱାରା ନୁହେଁ, ବରଂ ଈଶ୍ୱର ନିଜର ବିଶେଷ ଅନୁଗ୍ରହରେ ଏହି ସତ୍ୟତାରେ ପରିପୂର୍ଣ୍ଣ ଆତ୍ମଗୁଡ଼ିକୁ ମୋତେ ପ୍ରଦାନ କରିଛନ୍ତି.. ସବୁଠାରୁ ପ୍ରଥମେ ମୁଁ ମୋର ଜଣେ ଆଧ୍ୟାତ୍ମିକ ଭାଇଙ୍କ ବିଷୟରେ ଉଲ୍ଲେଖ କରିବାକୁ ହୃଦୟରେ ଆବେଗ ଅନୁଭବ କରୁଛି । **ତାଙ୍କର ନାମ ତାଙ୍କ ଆନ୍ତରିକତାର ଆଲୋକ ପରି ନୁରୁଦ୍ଦିନ୍** । ମୁଁ ତାଙ୍କର କେତେକ ଧାର୍ମିକ ସେବା, ଯାହା ସେ ନିଜର ବୈଧ ରୋଜଗାରରୁ ଇସଲାମର ପ୍ରଚାର ପାଇଁ କରୁଛନ୍ତି, ସଦାସର୍ବଦା ଶ୍ରଦ୍ଧାର ସହିତ ଦେଖେ ସେହି ସେବାଗୁଡ଼ିକ ମୋ ଦ୍ୱାରା ବି ସମ୍ପାଦିତ ହୋଇପାରନ୍ତା କି !

ହେ ସକଳ ଜଗତର ସୃଷ୍ଟିକର୍ତ୍ତା ! ମୁଁ ତୁମର ଅନୁଗ୍ରହଗୁଡ଼ିକର କୃତଜ୍ଞତା ଜ୍ଞାପନ କରିପାରିବି ନାହିଁ । ତୁମେ ଅତ୍ୟନ୍ତ ଦୟାଳୁ ଓ କୃପାଳୁ ତଥା ମୋ ଉପରେ ତୁମର ଅସୀମ ଅନୁଗ୍ରହ ରହିଛି । ମୋ ପାପଗୁଡ଼ିକୁ କ୍ଷମା କରିଦିଅ ଯେପରି ମୁଁ ନଷ୍ଟ ନହୁଏ । ମୋ ହୃଦୟରେ ତୁମର ବିଶେଷ ପ୍ରେମ ଭରିଦିଅ, ଯେପରି ମୁଁ ଜୀବନ ପ୍ରାପ୍ତ କରିପାରିବି । ମୋର ଦୋଷଗୁଡ଼ିକୁ ଘୋଡ଼ାଇ ରଖ ଓ ମୋ ଦ୍ୱାରା ଏପରି କାର୍ଯ୍ୟ କରାଅ, ଯେଉଁଥିରେ ତୁମେ ପ୍ରସନ୍ନ ଓ ସନ୍ତୁଷ୍ଟ ହେବ । ମୁଁ ତୁମର ପବିତ୍ର ସତ୍ତା ସହିତ ଏହି କଥାରୁ ଆଶ୍ରୟ ଚାହୁଁଛି ଯେ ତୁମର କ୍ରୋଧ ମୋ ଉପରେ ଅବତୀର୍ଣ୍ଣ ହେଉ । ଦୟା କର ଓ ମୋତେ ଇହ ତଥା ପରକାଳର ବିପଦରୁ ରକ୍ଷା କର । କାରଣ ପ୍ରତ୍ୟେକ ଅନୁଗ୍ରହ ଓ ଦୟା କେବଳ ତୁମରି ହାତରେ ଅଛି । **ଆମିନ୍ ସୁମ୍ମା ଆମିନ୍** ।

ହଜରତ ମସିହ ମଉଦ[ଅ.ସ] କହିଛନ୍ତି; ଏହି ସ୍ଥାନରେ ମୁଁ କୃତଜ୍ଞତା ପ୍ରକଟ ନକରି ରହିପାରୁ ନାହିଁ, ଯେ ଯେପରି ଈଶ୍ୱର ଆମ ନବୀ[ସ.ଅ]ଙ୍କ ସମର୍ଥନରେ ନିଜ **ୱହୀ** ମାଧ୍ୟମରେ ଅବିଶ୍ୱାସକାରୀଙ୍କୁ ଦୋଷୀ ସାବ୍ୟସ୍ତ କଲେ । ଆହୁରି କହିଲେ; ମୋର ଏହି ନବୀ ଏପରି ଉଚ୍ଚକୋଟୀର ଉତ୍ତମ ଚରିତ୍ର ବହନ କରନ୍ତି, ଯେ ତାଙ୍କର ଗତ ୪୦ବର୍ଷର ଜୀବନରେ କୌଣସି ଦୋଷ କିମ୍ୱା ଖୁଣ ବାହାର କରିବା ପାଇଁ ତୁମର ସାମର୍ଥ୍ୟ ନାହିଁ । ଚାଳିଶ ବର୍ଷ ଧରି ସେ ଦିନରାତି ତୁମ ଗହଣରେ ହିଁ ରହିଛନ୍ତି । କିମ୍ୱା ତାଙ୍କର ମହାନ ବଂଶ ଯାହା ଶ୍ରେଷ୍ଠତା, ପବିତ୍ରତା, ସାମ୍ରାଜ୍ୟ ଓ ସମୃଦ୍ଧିର ବଂଶ । ସେଥିରେ ତିଳେ ମାତ୍ର ଦୋଷ ବାହାର କରିବାର ଶକ୍ତି ତୁମର ନାହିଁ । ପୁଣି ତୁମେ ଭାବ ଯେ ଯେଉଁ ବ୍ୟକ୍ତି ଏପରି ଉଚ୍ଚ, ପବିତ୍ର ଓ ଶ୍ରେଷ୍ଠ ବଂଶରୁ ଆସିଛନ୍ତି । ତାଙ୍କର ଚାଳିଶ ବର୍ଷର ଜୀବନ ଯାହା ତୁମ ଆଗରେ ବିତିଛି, ତାହା ସାକ୍ଷୀ ଦେଉଛି ଯେ ମିଛ କହିବା କିମ୍ୱା ରଚନା କରିବା ତାଙ୍କର କାମ ନୁହେଁ, ତେବେ ଏହି ସବୁଗୁଣ ସହିତ ଯେତେବେଳେ ସେ ଆକାଶୀୟ ନିଦର୍ଶନ ଦେଖାଉଛନ୍ତି । ଈଶ୍ୱରଙ୍କ ସାହାଯ୍ୟ ତାଙ୍କ ସହିତ ରହିଛି ଓ ସେ ଏପରି ଶିକ୍ଷା ଆଣିଛନ୍ତି, ଯାହା ତୁଳନାରେ ତୁମର ବିଶ୍ୱାସ ସମ୍ପୂର୍ଣ୍ଣ ଅଶୁଦ୍ଧ, ଅପବିତ୍ର ଓ **ଶିର୍କ**ରେ ପରିପୂର୍ଣ୍ଣ ତେବେ ଏହାପରେ ଏହି ନବୀ[ସ.ଅ] ସତ୍ୟ ହେବାକୁ ନେଇ ତୁମର କେଉଁ ସନ୍ଦେହ ବାକି ରହିଲା ? ଏହିପରି ଭାବରେ ଈଶ୍ୱର ମୋର ବିରୋଧୀ ଓ ମିଥ୍ୟାଚାରୀମାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି । 'ବରାହିନେ ଅହମଦିୟା'ର ପୃଷ୍ଠା ସଂଖ୍ୟା: ୫୧୨ରେ ମୋ ବିଷୟରେ ଏହି ଦୈବିବାଣୀ ରହିଛି । ଯାହା ପ୍ରକାଶ ପାଇବାର କୋଡ଼ିଏ ବର୍ଷ ବିତି ଗଲାଣି ଓ ତାହା ହେଉଛି- **ଓଲକଦ୍ ଲବିସ୍‌ତୁ ଫିକୁମ୍ ଉମୁରମ୍ ମିନ୍ କବ୍‌ଲିହି ଅଫଲା ତାକିଲୁନ୍** ଅର୍ଥାତ୍ ଏହି ବିରୋଧୀମାନଙ୍କୁ କହିଦିଅ ଯେ ମୁଁ ଚାଳିଶ ବର୍ଷ ଧରି ତୁମମାନଙ୍କ ଗହଣରେ ହିଁ ରହିଆସିଛି । ଏହି ଦୀର୍ଘ ସମୟ ଧରି ତୁମେ ମୋତେ ଦେଖି ଆସିଛ, ଯେ ମୋର କାମ ମିଥ୍ୟାରୋପ କରିବା କିମ୍ୱା ମିଛ କହିବା ନୁହେଁ । ଈଶ୍ୱର ମୋତେ ଅପବିତ୍ର ଜୀବନରୁ ସୁରକ୍ଷିତ ରଖିଛନ୍ତି ।

ହଜରତ ମସିହ ମଉଦ[ଅ.ସ] ନିଜ ଘରେ ପିଲାମାନଙ୍କ ମଧ୍ୟରେ କୃତଜ୍ଞତାର ଭାବନା ଜାଗ୍ରତ କରିବାକୁ ଚେଷ୍ଟା କରୁଥିଲେ । ଗୋଟିଏ ବର୍ଣ୍ଣନାରୁ ଜଣାପଡେ ଯେ ଥରେ ହୁଜୁର[ଅ.ସ] ଘରେ ପିଲାମାନଙ୍କୁ ଗୋଟିଏ କାହାଣୀ ଶୁଣାଇଲେ, ଯେ ଜଣେ ଲଣ୍ଡା ଓ ଜଣେ ଅନ୍ଧ ବ୍ୟକ୍ତି ଥିଲେ । ଈଶ୍ୱର ସେମାନଙ୍କ ନିକଟକୁ ଜଣେ ଫରିସ୍ତା ପଠାଇଲେ । ସେ ଲଣ୍ଡା ବ୍ୟକ୍ତିକୁ ପଚାରିଲେ, ତୁମେ କ'ଣ ଚାହୁଁଛ ? ସେ କହିଲା; ମୋ ମୁଣ୍ଡରେ କେଶ ଉଠୁ ଓ ମୋତେ ଧନସମ୍ପତ୍ତି ମିଳୁ । ଫରିସ୍ତା ତା ମୁଣ୍ଡରେ ହାତ ବୁଲାଇ ଦେଲେ ଓ ତାହାର ବାଳ ବାହାରି ଆସିଲା ଏବଂ ତାକୁ ଧନସମ୍ପତ୍ତି ବି ମିଳିଗଲା । ତା'ପରେ ଫରିସ୍ତା ଅନ୍ଧ ବ୍ୟକ୍ତି ନିକଟକୁ ଗଲେ । ସେ ଅନ୍ଧ ବ୍ୟକ୍ତିକୁ ପଚାରିଲେ, ତୁମେ କ'ଣ ଚାହୁଁଛ ? ସେ କହିଲା; ମୋର ଦୃଷ୍ଟିଶକ୍ତି ଫେରି ଆସୁ ଓ ମୋତେ ଧନସମ୍ପତ୍ତି ମିଳୁ । ଦେବଦୂତ ତା' ମୁଣ୍ଡରେ ହାତ ବୁଲାଇ ଦେବାରୁ ତା' ଦୃଷ୍ଟିଶକ୍ତି ଫେରି ଆସିଲା ଏବଂ ତାକୁ ଧନସମ୍ପତ୍ତି ବି ମିଳିଗଲା । କିଛି ସମୟ ପରେ ଈଶ୍ୱର ସେମାନଙ୍କର ପରୀକ୍ଷା ନେବା ପାଇଁ ଫରିସ୍ତାଙ୍କୁ ପୁନର୍ବାର ଜଣେ ଗରିବ ଲୋକର ରୂପରେ ପଠାଇଲେ । ସେ ଯାଇ ଲଣ୍ଡା ବ୍ୟକ୍ତି ନିକଟରେ କିଛି ମାଗିବାରୁ ସେ ଅତ୍ୟନ୍ତ କଠୋରତା ଓ ଖରାପ ବ୍ୟବହାର ସହିତ ତାଙ୍କୁ ତଡିଦେଲା ଏବଂ ଉତ୍ତର ଦେଲା, ଚାଲ୍ ତୋ ଭଳି ଅନେକ ଭିକ୍ଷୁକ ବୁଲୁଛନ୍ତି । ଅତଃ ଫରିସ୍ତା ତା' ମୁଣ୍ଡରେ ହାତ ବୁଲାଇ ଦେବାରୁ ସେ ପୁଣି ଲଣ୍ଡା ହୋଇଗଲା ଏବଂ ତା'ର ସମସ୍ତ ଧନସମ୍ପତ୍ତି ବି ଚାଲିଗଲା । ତା'ପରେ ସେ ଅନ୍ଧ ବ୍ୟକ୍ତି ନିକଟକୁ ଯାଇ ମାଗିଲେ । ଅନ୍ଧ ବ୍ୟକ୍ତି ଜଣକ କହିଲେ; ଏସବୁକିଛି ଈଶ୍ୱରଙ୍କର ପ୍ରଦତ୍ତ ଓ ଏହା ତାଙ୍କରି ସମ୍ପତ୍ତି । ତୁମେ ଯାହା ଇଚ୍ଛା ନେଇଯାଅ । ତା'ପରେ ଈଶ୍ୱର ତାକୁ ଆହୁରି ଅଧିକ ଧନସମ୍ପତ୍ତି ପ୍ରଦାନ କଲେ । ସେଥିପାଇଁ ହେ ପିଲାମାନେ ! ତୁମେ ମଧ୍ୟ ମନେରଖ ଈଶ୍ୱରଙ୍କ ପ୍ରଦାନ ଅନୁଗ୍ରହର କୃତଜ୍ଞତା ଜ୍ଞାପନ କର । **ଏହାର ଆଦର କର ଓ ଦ୍ୱାରକୁ ଆସିଥିବା ଅଭାବିକୁ ତଡ଼ିଦିଅ ନାହିଁ । ଦାନ କରିବା ଏକ ଉତ୍ତମ କାର୍ଯ୍ୟ ଓ ମାଗିବା ଲୋକଙ୍କୁ ଦେବା ଉଚିତ୍ । ଏଥିରେ ଈଶ୍ୱର ପ୍ରସନ୍ନ ହୁଅନ୍ତି ଓ ନିଜର ଅନୁକମ୍ପାକୁ ବୃଦ୍ଧି କରନ୍ତି ।**

ଅନ୍ୟ ଏକ ଅବସରରେ ହୁଜୁର[ଅ.ସ] ହଜରତ ହକିମ୍ ନୁରୁଦ୍ଦିନ୍ ସାହେବଙ୍କ ବିଷୟରେ କହିଲେ; ହଜରତ ହକୀମ ମୌଲବୀ ସାହେବ ଈଶ୍ୱରଙ୍କ ଅନୁଗ୍ରହଗୁଡ଼ିକ ମଧ୍ୟରୁ ଏକ ଅନୁଗ୍ରହ । ତାଙ୍କ ମାଧ୍ୟମରେ ଅନେକ ଗରିବ ଲୋକଙ୍କର ଚିକିତ୍ସା ହୋଇପାରୁଛି । ଚିକିତ୍ସା ତ ଅନ୍ୟମାନଙ୍କର ହେଉଥିଲା, କିନ୍ତୁ ହୁଜୁର[ଅ.ସ] ଏହି କଥାର କୃତଜ୍ଞତା ପ୍ରକାଶ କରୁଥିଲେ, ଯେ ମାନବ ସେବା ହେଉଛି ଓ ମାନବ ଜାତି ଲାଭବାନ ହେଉଛନ୍ତି ।

ଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] କେତେକ ମୃତକଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ ଓ ସେମାନଙ୍କ ପାଇଁ କ୍ଷମା ପ୍ରାର୍ଥନା କଲେ । ସେମାନେ ହେଲେ, ଶ୍ରୀମାନ ହାଫିଜ୍ ଶେହବାଜ୍ ଅହମଦ ସାହେବ ମୁରବୀ ସିଲ୍‌ସିଲା, ଆଇଭୋରୀ କୋଷ୍ଟ । ଶ୍ରୀମାନ ୟେଲ୍‌ନିଙ୍ଗାନା ମୋମିନୀ ସାହେବ ଶହିଦ୍ ବୁର୍‌କିନା ଫାସୋ ନିବାସୀ । ଶ୍ରୀମାନ ୟହ୍ୟା ସୋମାରୀ ସାହେବ ଶହିଦ୍ ମାଲୀ ନିବାସୀ । ଶ୍ରୀମାନ ସିରାଜୁଲ୍ ହକ୍ କୁରେଶୀ ସାହେବ ଅତିରିକ୍ତ ଅଧ୍ୟକ୍ଷ **ଜଲ୍‌ସା ସାଲ୍‌ନା** ବିଭାଗ, ରବ୍‌ଓ୍ୱା ନିବାସୀ । ଶ୍ରୀମାନ ଲାଓ୍ୱାଲ୍ ତୈୟବ ସାହେବ ମୁଅଲ୍ଲିମ୍ ସିଲ୍‌ସିଲା, ନାଇଜେରିଆ ନିବାସୀ ଓ ଶ୍ରୀମାନ ମାଷ୍ଟର ଗଫୁର୍ ଅହମଦ ସାହେବ ସାଙ୍ଗାଲା, କାନାଡ଼ା ନିବାସୀ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈଅ୍ୟାତି ଆମାଲିନା ମଇଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ। ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

14th August 2026

*Translated to Odia by :* Moulavi Anwar Ahmad Khan